# Akashvani, Sambalpur

## SAMBALPURI NEWS MORNING BULLETIN

## 4 April 2026 - 6.47- 6.52 am.

---

ଖଡ଼ିଛୁଆଁ, ପ୍ରବେଶ୍ ଉତ୍ସବ୍                ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ ସରକାର୍‌ଙ୍କର୍ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତରଫୁ ଆଏଜ୍ ସବୁ ପ୍ରାଥମିକ ବିଦ୍ୟାଳୟ ମାନ୍‌କେ ଖଡ଼ିଛୁଆଁ ଆଉ ପ୍ରବେଶ୍ ଉତ୍ସବ୍ ପାଳନ୍ କରାଯିବା । ଭୁବନେଶ୍ୱର୍ ରାଜ୍‌ଭବନ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନ ହେବାର୍‌କେ ଥିବା ଖଡ଼ିଛୁଆଁ ଉତ୍ସବ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ଛୁଆମାନ୍‌କୁ ଖଡ଼ିଛୁଆଁବେ । ଇତାର୍‌ସହେତେ ସେଠାନେ ଛୁଆକୁ ଭିନ୍ ଭିନ୍ ରକମ୍‌ର ଶିକ୍ଷଣୀୟ କିଟ୍ ଦିଆଯିବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ ଅବ୍‌ସରେ ଗୁଟେ ଶିକ୍ଷା ସଚେତନତା ରଥକେ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କର୍‌ବାର୍ ସହେତେ ଜାତୀୟ ଶିକ୍ଷାନୀତି-୨୦୨୦ ଅନ୍‌ସାରେ ବିକଶିତ୍ ହେଇଥିବା ୧ ନୁ ୮ ଶ୍ରେଣୀତକ୍ ପଢ଼ାବହିର୍ ଭିଲ୍ ଲୋକାର୍ପଣ୍ କର୍‌ବେ । ସୂଚ୍‌ନା ଅନ୍‌ସାରେ

ଖଡ଼ିଛୁଆଁ ଉତ୍ସବ୍ ଲାଗି ରାଏଜେ ପାଖାପାଖି ୫ ଲାଖ୍ ନିଉତା କାର୍ଡ୍ ବଁଟାଯାଇଛେ । କାର୍ଯ୍ୟକ୍ରମ୍‌ଥି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର୍ ସହେତେ ଅଲ୍‌ଗା ବିଧାୟକ୍‌ମାନେ ଉପସ୍ଥିତ୍ ରହେବେ ।

ନାମଫଳକ ଲେଖା ଅଭିଯାନ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଆ ପକ୍ଷ-୨୦୨୬ ପାଲନ୍ ଅବ୍‌ସରେ ଶ୍ରମ ଆଉ କର୍ମଚାରୀ ରାଜ୍ୟ ବୀମା ବିଭାଗ୍ ତର୍‌ଫୁ ଆଏଜ୍ ସାରା ରାଏଜେ ଓଡ଼ିଆଥି ନାମଫଳକ ଲେଖା ଅଭିଯାନ୍ ସଚେତନତା ପଦଯାତ୍ରା କରାଯିବା । "ବ୍ୟାପକ୍ ହେବା ଓଡ଼ିଆ ଭାଷା- ସମୃଦ୍ଧ ହେବା ଓଡ଼ିଆ ଅସ୍ମିତା" ବାର୍ତା ନେଇକରି ଆଏଜ୍ ଇ ଦିବସ୍ ପାଲନ୍ କରାଯାଉଛେ । ନିଜର୍ ନିଜର୍ ଦୁକାନ୍, ବାଣିଜ୍ୟିକ ପ୍ରତିଷ୍ଠାନ୍‌ର ନାମଫଳକ ଓଡ଼ିଆ ଭାଷାଥି ନିର୍ଭୁଲ୍ ଆଉ ସ୍ପଷ୍ଟ ଭାବେ ଲେଖିକରି ଅଭିଯାନ୍‌କେ ସଫଲ୍ କର୍‌ବାର୍‌କେ ବିଭାଗ୍ ତର୍‌ଫୁ ଅନୁରୋଧ୍ କରାଯାଇଛେ ।

ଅଶ୍ୱିନୀ ବୈଷ୍ଣବ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶର୍ ଗରିବ୍ ଆଉ ମଧବିତ ବର୍ଗଙ୍କୁ ସୁଗମ୍ ଯାତ୍ରା ଅଭିଜ୍ଞତା ଯୁଗେଇ ଦେବାର୍‌ଟା ଭାରତୀୟ ରେଲ୍‌ବାଇର ପହେଲା ପ୍ରାଥମିକତା ଆଏ ବଲି ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ନୂଆଦିଲ୍ଲୀ ନ ଗଲାକାଏଲ୍ ରେଲ୍ ଅଧିକାରୀମାନ୍‌କର୍ ସାଙ୍ଗେ ହେଇଥିବା ଗୁଟେ ବୈଠକ୍‌ଥି ଅଧକ୍ଷତା କରିକରି ଶ୍ରୀ ବୈଷ୍ଣବ୍ କହିଛନ୍, ଗଲା ଦିନ୍ ମାନ୍‌କେ ରେଲ୍ ଦୁର୍ଘଟଣା ଐତିହାସିକ୍ ଭାବେ କମିଛେ ଆଉ ରେକର୍ଡ୍ ମାଲ୍ ପରିବହନ୍ କ୍ଷେତ୍ରଥି ଭିଲ୍ ଉଲ୍ଲେଖନୀୟ ଉନ୍ନତି ଆସିଛେ । ତିହାର୍‌ବାହାର୍ ସମିଆଥି ଖାସ୍ ଟ୍ରେନ୍‌ମାନ୍‌କର୍ ପରିଚାଳନା ଆଉ ଭିନ୍ ଭିନ୍ ଜୋନ୍ ନ ୮୫ ପ୍ରତିଶତ୍‌ନୁ ଅଏତ୍‌କା ସମୟାନୁବର୍ତ୍ତିତା ବଜାୟ ରଖିବାର୍ ଚେରେଷ୍ଟାକେ ଶ୍ରୀ ବୈଷ୍ଣବ୍ ପ୍ରଶଂସା କରିଛନ୍ ।

ଖୋର୍ଦ୍ଧା-ବଲାଙ୍ଗିର୍ ରେଲ୍‌ପଥ ଆର୍‌ଏନ୍‌ୟୁ/ ସମ୍ବଲପୁର

ଇ ବଛର୍ ଶେଷ୍‌ତକ୍ ଖୋର୍ଦ୍ଧା-ବଲାଙ୍ଗିର୍ ରେଲ୍‌ପଥ୍ କାମ୍ ଶେଷ୍ ହେବା ବଲି ପୂର୍ବତଟ ରେଲ୍‌ପଥର ମହାପ୍ରବନ୍ଧକ୍ ପରମେଶ୍ୱର

ଫୁଙ୍କ୍‌ୱାଲ୍ କହିଛନ୍ । ଇ ବାବ୍‌ଦେ ଇଥିର୍‌ଲାଗି ଜମି ଅଧିଗ୍ରହଣ୍ ଆଉ ଜଙ୍ଗଲ୍ ଜମି ସମସ୍ୟା ଶେଷ୍ ହେଇଥିବାର୍ ବେଲେ ଯୁଦ୍ଧକାଳୀନ୍ ଭିତିଥି କାମ୍ ଚାଲିଛେ । ଟନେଲ୍ କାମ୍ ଶେଷ୍ ହେଇକରି ଇହାଦେ ଭାୟାଟକ୍ କାମ୍ ଚାଲିଛେ । ସେନ୍ତା ରାଜଆଠଗଡ଼୍ ନୁ କାଇପଦର ନୂଆଁ ରେଲ୍‌ଲାଇନ୍ କାମ୍ ହେବା ବଲି ଶ୍ରୀ ଫୁଙ୍କ୍‌ୱାଲ୍ ସୂଚ୍‌ନା ଦେଇଛନ୍ ।

ଉଚ୍ଚଶିକ୍ଷାନୁଷ୍ଠାନ୍- ମନୁ ଦର୍ପଣ ଆର୍‌ଏନ୍‌ୟୁ/ ସମ୍ବଲପୁର

ଛାତ୍ରଛାତ୍ରୀମାନ୍‌କର୍ ମାନସିକ୍ ସ୍ୱାସ୍ଥ୍ୟକେ ଗୁରୁତ୍ୱ ଦେଇକରି ରାଜ୍ୟର୍ ସବୁ ମହାବିଦ୍ୟାଳୟ ଆଉ ବିଶ୍ୱବିଦ୍ୟାଳୟ ନ ମନୁ ଦର୍ପଣ କାର୍ଯ୍ୟକାରୀ କରାଯିବା । ଇ ବାବ୍‌ଦେ ସବୁ କଲେଜ୍ ଅଧକ୍ଷ ଆଉ କୁଲପତି ମାନ୍‌କୁ ଚିଠି କରିକରି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ମାର୍ଗଦର୍ଶିକା ଜାରି କରାଯାଇଛେ । ବିଭାଗ୍‌ର ଚିଠି ଅନ୍‌ସାରେ ଛାତ୍ରଛାତ୍ରୀମାନ୍‌କର୍ ସହେତେ ଶିକ୍ଷା ଯାତ୍ରାଥି ହେଉଥିବା ଚାପ, ଉଦ୍‌ବେଗ, ଭୟ, ମାନସିକ ଅବସାଦ ବାଗିର୍ ଭିନ୍ ଭିନ୍ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛେ । ମନୁ ଦର୍ପଣ୍ ଇସବୁ ସମସ୍ୟାର୍

ସମାଧାନ୍ ସହେତେ ଛାତ୍ରଛାତ୍ରୀମାନ୍‌କୁ ଗୁଟେ ଭଲ୍ ଶୈକ୍ଷିକ୍ ପରିବେଶ୍ ଯୁଗେଇ ଦେବା । ଇଥି ଛାତ୍ରଛାତ୍ରୀମାନ୍‌କୁ ମନସ୍ତତ୍ୱବିତ୍‌ଙ୍କର୍ ଜରିଏ କାଉନ୍‌ସେଲିଂ ଦିଆଯିବା ।

ଇଣ୍ଡିଆ ସ୍କିଲ୍‌ସ ପ୍ରତିଯୋଗିତା ଆଇ ଆଣ୍ଡ୍ ପି.ଆର୍

ଇଣ୍ଡିଆ ସ୍କିଲ୍‌ସ-୨୦୨୫-୨୬ ଜାତୀୟସ୍ତରୀୟ ପ୍ରତିଯୋଗିତାଥି ଓଡ଼ିଶା ଦଲ୍ ୧୫ ଟା ସ୍ୱର୍ଣ୍ଣ ସହେତେ ମୋଟ୍ ୫୭ ଟା ପଦକ୍ ହାସଲ୍ କରିକରି ଚମ୍ପିଆନ୍ ହେଇଛେ । ଗ୍ରେଟର୍ ନୋଇଡ଼ାର୍ ଇଣ୍ଡିଆ ଏକ୍ସପୋ ସେଂଟର୍ ନ ହେଇଥିବା ଖାସ୍ କାର୍ଯ୍ୟକ୍ରମ୍‌ଥି କୃତୀ ପ୍ରତିଯୋଗୀମାନ୍‌କୁ ସମ୍ମାନିତ୍ କରାଯାଇଛେ । ଇ ପ୍ରତିଯୋଗିତାଥି ଭଲ୍ ପ୍ରଦର୍ଶନ୍ କରିଥିବାର୍‌ନୁ ଓଡ଼ିଶା ଦଲ୍‌ର ସବୁ ପ୍ରତିଯୋଗୀଙ୍କୁ ଦକ୍ଷତା ବିକାଶ୍, ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ, ଶୁଭେଚ୍ଛା ଜନେଇକରି କହିନ୍, ଦଲର୍ ପ୍ରଦର୍ଶନ୍ ରାଜ୍ୟ ଲାଗି ଗୌରବ୍‌ର ବିଷେ ଆଏ ।

ଟୋଲ୍‌ପ୍ଲାଜା-ଡିଜିଟାଲ୍ ପେମେଂଟ ଆର୍‌ଏନ୍‌ୟୁ/ ସମ୍ବଲପୁର

ଇ ମାସର୍ ୧୦ ତାରିଖ୍‌ନୁ ଦେଶର୍ ସବୁ ଟୋଲ୍‌ପ୍ଲାଜା ନ ନଗଦ୍ ଟଙ୍କା ବେଭାର୍ ପୁରାପୁରି ବନ୍ଦ୍ ହେବା ଆଉ ଖାଲି ଡିଜିଟାଲ୍ ପେମେଂଟ୍ ଗ୍ରହଣ୍ କରାଯିବା ବଲି ଭାରତୀୟ ଜାତୀୟ ରାଜ୍‌ପଥ୍ କର୍ତୃପକ୍ଷ- ଏନ୍‌ଏଚ୍‌ଏଆଇ ତର୍‌ଫୁ କୁହାଯାଇଛେ । ଇ ବାବ୍‌ଦେ ସର୍‌କାର୍ ଆଘୋନୁ ନିଷ୍ପତି ନେଇଥିଲେ । ଫାଷ୍ଟଟେଗ୍ ଆଉ ୟୁପିଆଇ ବାଗିର୍ ଡିଜିଟାଲ୍ କାର୍‌ବାର୍ ଜରିଏ ଟୋଲ୍‌ପ୍ଲାଜା ମାନ୍‌କେ ଭିଡ୍ କମ୍‌ବାର୍ ସହେତେ ସ୍ୱଚ୍ଛତା ଆସିପାର୍‌ବା । ଇହାଦେ ସାରାଦେଶେ ଥିବା ୧୧ ଶହ ୫୦ ଟୋଲ୍‌ପ୍ଲାଜା ନ ଇ ସୁବିଧା ଲାଗୁ ହେବା ବଲି ଏନ୍‌ଏଚ୍‌ଏଆଇ ତର୍‌ଫୁ କୁହାଯାଇଛେ ।

ସିବିଏସ୍‌ଇ ପାଠ୍ୟକ୍ରମ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ - ସିବିଏସ୍‌ଇ ତର୍‌ଫୁ ୨୦୨୬-୨୭ ଶିକ୍ଷା ବଛର୍ ଲାଗି ପାଠ୍ୟକ୍ରମ୍ ବାହାର୍ କରାଯାଇଛେ । ୯ ନୁ ୧୨ ଶ୍ରେଣୀ ଛୁଆକର୍ ଲାଗି ଇଟା ଜାରି କରାଯାଇଛେ । ‘ନେସ୍‌ନାଲ୍ କରିକୁଲମ୍ ଫ୍ରେମ୍ ୱର୍କ ଫର୍ ସ୍କୁଲ୍ ଏଜୁକେସନ୍’-

ଏନ୍‌ସିଏଫ୍-୨୦୨୩ ଆଧାର୍ କରିକରି ଭିନ୍ ଭିନ୍ ପାଠ୍ୟକ୍ରମ୍‌ଥି ପରିବର୍ତନ୍ କରାଯାଇଛେ ।

ବିଶ୍ୱ ପାରା ତୀରନ୍ଦାଜ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବେଙ୍କକ୍ ନ ଚାଲିଥିବା ପହେଲା ବିଶ୍ୱ ପାରା ତୀରନ୍ଦାଜ୍ ରେଙ୍କିଙ୍ଗ୍ ସିରିଜ୍‌ଥି ଓଡ଼ିଶାର୍ ପାୟଲ୍ ନାଗ୍ ଆଉ ବିଶ୍ୱ ଚାମ୍ପିଅନ୍ ଶୀତଲ୍ ଦେବୀ କମ୍ପାଉଣ୍ଡ୍ ମହିଳା ଡବଲ୍ସ୍‌ଥି ସ୍ୱର୍ଣ୍ଣ ପଦକ୍ ହାସଲ୍ କରିଛନ୍ । ପାୟଲ୍ ଆଉ ଶୀତଲ୍ ପ୍ରତିଯୋଗିତାଥି ପହେଲା ସ୍ୱର୍ଣ୍ଣ ଜିତିକରି ଦେଶ୍ ଲାଗି ଗୌରବ୍ ଆନିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ରାଜ୍ୟର୍ କେତେଟା ଜାଗା ନ ଧୁଳିଗର୍ଡ଼ି ଆଉ ବର୍ଷା ପାଗ୍ ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ କଳାହାଣ୍ଡି, କନ୍ଧମାଲ୍, ରାୟଗଡ଼ା, କୋରାପୁଟ୍ ଆଉ ମାଲ୍‌କାନ୍‌ଗିରି ନ ହାଲ୍‌କାନୁ ମଧ୍ୟମ୍ ଧରଣ୍ ବର୍ଷା ହେବାର୍

ସମ୍ଭାବନା ରହିଛେ ବଲି ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ସେଆଡ଼େ ରାଏଜେ ଖରା ବଢ଼୍‌ବାର୍‌କେ ଲାଗିଛେ । ୯ ଟା ସହର୍ ନ ଗଲାକାଏଲ୍ ତାପମାତ୍ରା ୪୦ ଡିଗ୍ରୀ ଉପ୍‌ରେ ରହିଥିବାର୍ ବେଲେ ଝାର୍‌ସୁଗୁଡ଼ା ନ ଦିନର୍ ସବୁନୁ ଜହ ତାପମାତ୍ରା ୪୧ ଦଶ୍‌ମିକ୍ ୬ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼୍ କରାଯାଇଥିଲା ।